# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 01 December – 2025

********************************

## ମୁଖ୍ୟ ସମ୍ବାଦ

- ଦେଶର ଅର୍ଥନୈତିକ ଅଭିବୃଦ୍ଧି ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆତ୍ମବିଶ୍ୱାସ ଯୋଗାଉଛି; କହିଲେ ପ୍ରଧାନମନ୍ତ୍ରୀ

– ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ହେଲା ଆରମ୍ଭ

- ବାଂଲାଦେଶୀମାନଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟବାହିନୀ ଗଠନ କରିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଗତ ୧୬ ମାସ ମଧ୍ୟରେ ୩୩ଟି ଆଇ.ଟି କମ୍ପାନୀରେ ୨ ହଜାର ୫୦୦ରୁ ଊର୍ଦ୍ଧ୍ୱଙ୍କୁ ନିଯୁକ୍ତି ମିଳିଛି; ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

ଏବଂ

- ବ୍ୟାଘାତ ଅତିକ୍ରମ କରିବା ସହିତ ଏଡ୍‌ସ ରୋଗର ମୂଳୋପୋଛ ପାଇଁ ଆଗେଇ ଆସିବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଏଡ୍‌ସ ଦିବସ

Desk

# ସଂସଦ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ଅଧିବେଶନରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଏବଂ ବିଭିନ୍ନ ବିଷୟକୁ ନେଇ ବିରୋଧୀଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଲାଗି ରହିବାରୁ  ବାଚସ୍ପତି ଓମ୍ ବିର୍ଲା ପ୍ରଥମାର୍ଦ୍ଧାରେ ଗୃହକୁ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୃହରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଚାଲିଛି।

ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶପାଇଁ ସେମାନଙ୍କର ଅବଦାନକୁ ସ୍ମରଣ କରି ଲୋକସଭାର ସଦସ୍ୟମାନେ ନୀରବ ପ୍ରାର୍ଥନା କରିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲା ।

ଆଜି ପ୍ରଥମ ମୁଲତବୀ ପରେ ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ ବିଧେୟକ ଆଗତ କରିଥିଲେ । ଏହି ବିଧେୟକରେ କରାଯାଇଥିବା ସଂଶୋଧନ ଅନୁଯାୟୀ ନିଶାଦ୍ରବ୍ୟ ଉପରେ ଅଧିକ ଶୁଳ୍କ ଲାଗୁ କରାଯିବା ବ୍ୟବସ୍ଥା ରହିଛି । ଶ୍ରୀମତୀ ସୀତାରମଣ ପାନମସଲା ଭଳି ଦ୍ରବ୍ୟର ଉତ୍ପାଦନ ଉପରେ କର

ଲାଗୁ କରିବା ଉଦ୍ଦେଶ୍ୟରେ ଜାତୀୟ ସୁରକ୍ଷା ସେସ୍ ବିଲ୍ ଲୋକସଭାରେ ଆଗତ କରିଛନ୍ତି । ଏଥିସହିତ ଶ୍ରମତୀ ସୀତାରମଣ ମଣିପୁର ସାମଗ୍ରୀ ଓ ସେବାକର ଦ୍ୱିତୀୟ ସଂଶୋଧନ ବିଧେୟକ ଆଗତ କରିଛନ୍ତି ।

ଲୋକସଭା ପକ୍ଷରୁ ଚଳିତ ଶୀତକାଳୀନ ଅଧିବେଶନର ଦ୍ୱିତୀୟ ସପ୍ତାହର ଶେଷଦିନ ସୁଦ୍ଧା ଜନବିଶ୍ୱାସ ସଂଶୋଧନ ବିଧେୟକ ଆଗତ କରିବା ଲାଗି ସିଲେକ୍ଟ କମିଟିକୁ ସମୟ ପ୍ରଦାନ କରାଯାଇଛି ।

ରାଜ୍ୟସଭା ଆଜି ସକାଳେ ଆରମ୍ଭ ହେବା ମାତ୍ରେ ଗୁରବିନ୍ଦର ସିଂହ ଓବରାୟ, ଚୌଧୁରୀ ମହମ୍ମଦ ରମଜାନ ଏବଂ ସାଜିଦ ଅହମ୍ମଦ କିଚଲୁଙ୍କୁ ରାଜ୍ୟସଭାର ସଦସ୍ୟଭାବେ ଶପଥପାଠ କରାଯାଇଥିଲା । ଗୃହରେ ଅଧ୍ୟକ୍ଷତା କରୁଥିବା ସି.ପି. ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଶ୍ରୀ ରାଧାକ୍ରିଷ୍ଣନ ତୃଣମୂଳସ୍ତରରୁ ଆସି ଦେଶର ଉପରାଷ୍ଟ୍ରପତି ପଦବୀ ଗ୍ରହଣ କରିବା ଭାରତୀୟ ଗଣତନ୍ତ୍ରର ବାସ୍ତବ ସଫଳତା । ତାଙ୍କ ଦିଗ୍‌ଦର୍ଶନରେ ଆଗାମୀ ଦିନରେ ରାଜ୍ୟସଭାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା-ପର୍ଯ୍ୟାଲୋଚନା ହେବ ।

## ପିଏମ୍ ପାର୍ଲ୍ୟାମେଣ୍ଟ

ଶୀତକାଳୀନ ଅଧିବେଶନ କେବଳ ଏକ ରୀତି ନୁହେଁ ବରଂ ଏହା ଭାରତକୁ ବିକାଶ ଆଡ଼କୁ ନେବା ପାଇଁ ପ୍ରତ୍ୟେକ ଉଦ୍ୟମକୁ ଗତି ପ୍ରଦାନ

କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ଗଣମାଧମକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ଗତି ଦେଶକୁ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ନୂଆ ଆତ୍ମବିଶ୍ୱାସ ପ୍ରଦାନ କରୁଛି । ଭାରତର ଜୀବନ୍ତ ଗଣତନ୍ତ୍ର ରହିଛି। ଲୋକମାନେ ଯେଉଁ ଉତ୍ସାହ ପ୍ରଦର୍ଶନ କରିଛନ୍ତି, ତାହା ସରକାରର ବିଶ୍ୱାସକୁ ଆହୁରି ମଜଭୁତ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O (PM Session)**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ବିରୋଧୀ ଦଳମାନେ ଚଳିତ ଅଧିବେଶନରେ ନିଜର ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିବା ଉଚିତ। ଏହା ସହ ସଂସଦର ସଦସ୍ୟମାନେ ଶୀତକାଳୀନ ଅଧିବେଶନରେ ଯୁବ ସଦସ୍ୟମାନଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ।

BBSR/R

## ବିଧାନସଭା- ବାଂଲାଦେଶୀ ଚିହ୍ନଟ

ରାଜ୍ୟରେ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟବାହିନୀ କମିଟି ଗଠନ କରାଯାଇଛି। ଏହାସହ ଜିଲ୍ଲାର ସମସ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି।

ଶ୍ରୀ ମାଝୀ କହିଛନ୍ତି, ନୂଆ ସରକାରରେ ୫୧ ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୩୯ ଜଣଙ୍କୁ ସ୍ୱଦେଶକୁ ପଠାଯାଇଛି। ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ଅବୈଧ ବାଂଲାଦେଶୀ ଅନୁପ୍ରବେଶ ଜିଲ୍ଲାଗୁଡ଼ିକୁ ବୁଲି ଦେଖୁଛନ୍ତି। ଏତଦ୍‌ବ୍ୟତୀତ ସୀମାସୁରକ୍ଷା ବାହିନୀ, କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କ ଚିହ୍ନଟ କରାଯାଉଛି ବୋଲି ଶ୍ରୀ ମାଝୀ ଗୃହରେ କହିଛନ୍ତି।

BBSR/R

## ବିଧାନସଭା– ଜମିଜବର ଦଖଲ

ରାଜ୍ୟରେ ଚଳିତ ବର୍ଷ ୭୦ ଏକର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲିଖିତ ଉତ୍ତର ରଖିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମରେ ୫୦୦ ଏକର ସରକାରୀ ଜମି ଜବରଦଖଲରେ ରହିଛି। ସରକାର ଏ ସମସ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଏକ କମିଟି ଗଠନ କରି ଖୁବ୍‌ଶୀଘ୍ର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା– ଖାଲି ପଦବୀ

ରାଜ୍ୟରେ ଆଇ.ଏ.ଏସ୍., ଆଇ.ପି.ଏସ୍ ଏବଂ ଆଇ.ଏଫ୍.ଏସ୍. ପଦବୀ ଖାଲି ପଡ଼ିଥିବା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ଆଇ.ଏ.ଏସ୍. ୪୬, ଆଇ.ପି.ଏସ୍. ୬୭ ଓ ଆଇ.ଏଫ୍.ଏସ୍.ରେ ୭୦ ପଦବୀ ଖାଲି ପଡ଼ିଛି ।

BBSR/R

## ବିଧାନସଭା– ଡାକ୍ତର ପଦବୀ

ରାଜ୍ୟରେ ୯ହଜାର ୫୦୩ଟି ବିଭିନ୍ନ ବର୍ଗର ଡାକ୍ତର ପଦବୀ ଖାଲି ପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଗୃହରେ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ଡାକ୍ତରମାନଙ୍କ ପଦବୀ ପୂରଣ ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି । ବିଭିନ୍ନ ଡାକ୍ତରଖାନାରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ, ସେଥିପାଇଁ ଦେଢ଼ ବର୍ଷ ମଧ୍ୟରେ ୫ ହଜାର ୧୫୯ ଜଣ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହରେ କହିଛନ୍ତି ।

BBSR/R

## ବିଧାନସଭା– ଆଇଟି କମ୍ପାନୀ

ରାଜ୍ୟରେ ୧୬ ମାସ ମଧ୍ୟରେ ୩୩ଟି ନୂଆ ଆଇ.ଟି କମ୍ପାନୀ ଖୋଲିବା ସହ ୨ ହଜାର ୫୨୮ ଜଣଙ୍କୁ ନିଯୁକ୍ତି ମିଳିଛି ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ବର୍ତ୍ତମାନ ୩୫୦ ଆଇ.ଟି. କମ୍ପାନୀ ଓଡ଼ିଶାରେ କାର୍ଯ୍ୟରତ ଅଛନ୍ତି। ଏଥିରେ ୩୫ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଶ୍ୱରେ ଓଡ଼ିଶା ସଫ୍ଟୱେୟାରର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଦେଶର ପ୍ରଥମ ୧୦ଟି ରାଜ୍ୟରେ ଓଡ଼ିଶା ନିଜକୁ ସ୍ଥାନିତ କରିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୮ ହଜାର ୫୦୦ କୋଟି ଟଙ୍କାର ସଫ୍ଟୱେୟାର ରପ୍ତାନୀ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହରେ କହିଛନ୍ତି।

BBSR/R

## ବିଧାନସଭା ବଜେଟ୍ ଖର୍ଚ୍ଚ

ରାଜ୍ୟରେ ଗତ ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ବଜେଟ୍ ଅର୍ଥରାଶି ଖର୍ଚ୍ଚ ହୋଇଛି। ଯାହାକି ମୋଟ୍ ବଜେଟ୍‌ର ୩୯ ପ୍ରତିଶତ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଧାନସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଗତ ବର୍ଷ ଅକ୍ଟୋବର ସୁଦ୍ଧା ୩୬ ପ୍ରତିଶତ ବଜେଟ୍ ଅର୍ଥରାଶି ଖର୍ଚ୍ଚ

ହୋଇଥିଲା। ମାର୍ଚ୍ଚ ମାସ ସୁଦ୍ଧା ଶତପ୍ରତିଶତ ବଜେଟ୍ ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ ସୂଚନା ଦେଇଛନ୍ତି।

Desk

# ନଡ୍ଡା - ଏଡ୍ସ ଦିବସ

ଏଡ୍ସ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ବ୍ୟାଘାତ ଅତିକ୍ରମ କରିବା ସହ ଏଡ୍ସ୍‌ର ମୂଳପୋଛ ପାଇଁ ଉଦ୍ୟମ କରିବାକୁ ଆଗେଇ ଆସିବା ।' ଏହି ପରିପ୍ରେକ୍ଷୀରେ ସଚେତନ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ବିଶ୍ୱ ଏଡ୍ସ ଦିବସ-୨୦୨୫ର ଜାତୀୟସ୍ତରୀୟ ପାଳନର ନେତୃତ୍ୱ ନେଇଛନ୍ତି । ଏଚ୍.ଆଇ.ଭି.ର ପ୍ରତିକାରମୂଳକ ଚିକିତ୍ସା, ଯତ୍ନ, ଏବଂ ରୋଗ ପ୍ରତି ଭ୍ରାନ୍ତ ଧାରଣା ଦୂରୀକରଣ ଦିଗରେ ଜାତୀୟ ସ୍ତରରେ ଉନ୍ନତ ବ୍ୟବସ୍ଥା କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଇବା ଏହି ଦିବସ ପାଳନର ମୂଳଲକ୍ଷ୍ୟ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଭୁବନେଶ୍ୱରଠାରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ

ମହାଲିଙ୍ଗ  ଶୁଭାରମ୍ଭ କରିଛନ୍ତି। ଏଡ୍‌ସ ରୋଗର ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କ ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତଙ୍କୁ ଡକ୍ଟର ମହାଲିଙ୍ଗ ପରାମର୍ଶ ଦେଇଛନ୍ତି।

**- V/O -**

ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଏଚ୍.ଆଇ.ଭି. ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚଳିତ ବର୍ଷ ମୋଟ୍ ୨୦ ଲକ୍ଷ ପରୀକ୍ଷା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ପରୀକ୍ଷା ଶେଷ ହୋଇଥିବା ଜଣାପଡ଼ିଛି। ଶୋଭାଯାତ୍ରା କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

HS

## ବିଏସ୍‌ଏଫ୍ ପ୍ରତିଷ୍ଠା

କେନ୍ଦ୍ରୀୟ ସୀମାସୁରକ୍ଷା ବଳ ଆଜି ତା'ର ୬୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ସାହସ, ଶୃଙ୍ଖଳା ଏବଂ ଅଟଳ ସମର୍ପଣର ନିଦର୍ଶନ ବିଏସ୍‌ଏଫ୍ ଯବାନମାନଙ୍କର ତ୍ୟାଗ ଓ ବଳିଦାନ ଯୋଗୁଁ ଦେଶ ଆଜି ରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ସୀମା ସୁରକ୍ଷାରେ ବିଏସ୍‌ଏଫ୍ ଯବାନମାନେ ନିଜକୁ  ଦେଶର ସୀମା ସୁରକ୍ଷାରେ

ସମର୍ପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତର ସୁରକ୍ଷା ଚକ୍ର କବଚ ଆହୁରି ସୁଦୃଢ଼ ଏବଂ ସହନଶୀଳ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସ ପାଳନ ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ବିଏସ୍ଏଫ୍ ଯବାନଙ୍କ ଅଟଳ ସମର୍ପଣ ଏବଂ ସଫଳତା ଆମର ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ିଙ୍କୁ ସର୍ବଦା ଅନୁପ୍ରାଣିତ କରିବ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଆମ ଜାତୀୟ ସୀମାକୁ ସମର୍ପଣ ଓ ସାହସର ସହିତ ସୁରକ୍ଷିତ ରଖୁଥିବା ବିଏସ୍ଏଫ୍ କର୍ମୀମାନଙ୍କୁ ଏହି ପ୍ରତିଷ୍ଠା ଦିବସରେ ଅନେକ ଅନେକ ଶୁଭେଚ୍ଛା।

Desk

## ବାଲୁକା କଳା ଉତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ପାଞ୍ଚଦିନ ବ୍ୟାପୀ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ସନ୍ଧ୍ୟାରେ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିବେ। ସମ୍ମାନିତ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ସାଂସଦ ଓ

ବିଧାୟକମାନେ ବାଲୁକା କଳା ମହୋତ୍ସବରେ ଯୋଗଦେବେ । ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ଶତାଧିକ ଶିଳ୍ପୀ ସେମାନଙ୍କର ବାଲୁକା କଳା ପ୍ରଦର୍ଶନ କରିବେ। ଏଥିସହ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ମଧ୍ୟ ଅନୁଷ୍ଠିତ ହେବ। ମହୋତ୍ସବ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।

Nabarangpur

## ସ୍ୱଚ୍ଛ ପକ୍ଷୱାଡ଼ା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲାରେ ୧୨ ବାଟାଲିୟନ୍ ପକ୍ଷରୁ ଆଜିଠାରୁ ସ୍ୱଚ୍ଛ ପକ୍ଷୱାଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମକୁ ଆଗେଇ ନେଇ ଏକ ରାଷ୍ଟ୍ରବ୍ୟାପୀ କାର୍ଯ୍ୟକ୍ରମରେ ପରିଣତ ହୋଇଥିବା ବେଳେ ସ୍ୱଚ୍ଛଭାରତ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଓ ବିକଶିତ ଭାରତ ଗଠନ ପାଇଁ ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟାପକ ଓ କ୍ରିୟାଶୀଳ କରିବା ପାଇଁ କାର୍ଯ୍ୟକ୍ରମରେ ସେକେଣ୍ଡ ଇନ୍ କମାଣ୍ଡ କେ.କେ.ସିଂ କହିଥିଲେ। ଏହି ଅବସରରେ ସ୍ୱଚ୍ଛତା ରକ୍ଷା ଓ ବିକଶିତ ଭାରତ ଗଠନ ପାଇଁ ଶପଥ ପାଠ କରାଯାଇଥିଲା ।

BHK

# ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ଭଦ୍ରକ ଜିଲ୍ଲା ଧାମନଗର ଇଣ୍ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ରାଜ୍ୟର ୨୦ଟି ଦଳ ଭାଗ ନେଇଛନ୍ତି ।

Desk

# ଟି-ଟ୍ୱେଣ୍ଟି ଟିକେଟ୍ ବିକ୍ରି

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-ଟ୍ୱେଣ୍ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିପାଇଁ ଆଜିଠାରୁ ଅନଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି । ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ – ‘ଓସିଏ’ ପକ୍ଷରୁ ସୂଚନା ମିଳିଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ୫ ତାରିଖରୁ ଅଫଲାଇନ୍‌ରେ ଟିକେଟ୍ ବିକ୍ରି ହେବ । ଅନଲାଇନ୍‌ରେ ୨ ହଜାର ଏବଂ କାଉଣ୍ଟର୍‌ରେ ୧୦ ହଜାର ଟିକେଟ ବିକ୍ରି କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି ।